# Akashvani, Sambalpur

## SAMBALPURI NEWS BULLETIN

### 1 October 2024- 6.47- 6.52 am.

*************************************************

ଅକ୍ଷୟ ଶକ୍ତି ପ୍ରକଳ୍ପ        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟକେ ସବୁଜ ଶକ୍ତି କ୍ଷେତ୍ର ନ ସମୃଦ୍ଧ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ୭ ନମ୍ବର୍ ସିଙ୍ଗିଲ୍ ୱିଣ୍ଡୋ କମିଟି ବୈଠକ୍‌ଥି ୭ ଶହ ୪୯ ଦଶ୍‌ମିକ ମେଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ୍ ଲାଗି ଆସିଥିବାର୍ ପ୍ରସ୍ତାବ୍‌କେ ଅନୁମୋଦନ୍ କରାଯାଇଛେ । ଇତାର୍‌ଜରିଏ ରାଏଜେ ୪ ହଜାର୍ ୬ ଶହ ୭୧ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ହେବା । ସିଙ୍ଗିଲ୍ ୱିଣ୍ଡୋ କମିଟିଥି ମଞ୍ଜୁର୍ ହେଇଥିବା ପ୍ରକଳ୍ପ ମାନ୍‌କର୍ ଭିତ୍‌ରେ କଲାହାଣ୍ଡି ନ ଓଡ଼ିଶା ରାଜ୍ୟ ଜଳବିଦ୍ୟୁତ୍ ନିଗମ୍ ତର୍‌ଫୁ ତିଆର୍ ହେବାର୍‌କେ ଥିବାର୍ ୬୦ ମେଗାୱାଟ୍ କ୍ଷମତାର୍ ପମ୍ପ୍‌ଡ୍ ଷ୍ଟୋରେଜ୍ ପ୍ଲାଂଟ- ପିଏସ୍‌ପି ପ୍ରକଳ୍ପ ରହିଛେ ।

ହବିଷ୍ୟାଳି ସୁବିଧା        ଆର୍‌ଏନ୍‌ୟୁ /ସମ୍ବଲପୁର

ଇ ବଛର୍ ପବିତ୍ର କାର୍ତିକ୍ ମାସେ ସର୍‌କାର୍ ପାଖାପାଖ୍ ୨୫ ଶହ ମହିଲାଙ୍କୁ ହବିଷ କର୍‌ବାର୍ ଲାଗି ମାହାଲିଆ ସବୁ ସୁବିଧା ଯୁଗେଇ ଦେବେ । କାର୍ତିକ ବ୍ରତ ପାଲନ୍ ଲାଗି ହବିଷ୍ୟାଲି ମାନ୍‌କୁ ପୁରୀ ନ ସବୁ ସୁବିଧା ଯୁଗେଇ ଦେବାର୍ ଲାଗି ଜିଲ୍ଲାପାଲ୍ ଦେଇଥିବା ପ୍ରସ୍ତାବ୍‌କେ ସର୍‌କାର୍ ମଞ୍ଜୁର୍ କରିଛନ୍ । ଆଏବା ମାସର୍ ୧୮ ତାରିଖ୍‌ନୁ କାର୍ତିକ୍ ବ୍ରତ ମୁଲ୍ ହେବା । ହବିଷ୍ୟାଲି ମାନ୍‌କର୍ ରହଣୀ, ପରିବହନ୍, ଶ୍ରୀମନ୍ଦିର୍ ଠାକୁର ଦର୍ଶନ୍, ମହାପ୍ରସାଦ୍ ସେବନ୍, ସୁରକ୍ଷା, ପରିମଳ ଆର୍ ସ୍ୱାସ୍ଥ୍ୟସେବା ବାବ୍‌ଦେ ପଦକ୍ଷେପ୍ ନେବାର୍‌କେ ଜିଲ୍ଲାସ୍ତରୀୟ ବୈଠକ୍‌ଥି ଥିର୍ କରାଯାଇଛେ । ଇଥିର୍‌ଲାଗି ଇ ହପ୍ତାଥି ଆବେଦନ୍‌କାମ୍ ମୁଲ୍ ହେବା ବଲି ଜନାପଡ଼ିଛେ ।

ଜଳସେଚନ ପ୍ରକଳ୍ପ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ତିଆର୍ ଚାଲିଥିବା ଭିନ୍ ଭିନ୍ ଜଲ୍‌ସେଚନ୍ ପ୍ରକଳ୍ପକେ ଧାରିଜ୍ ସମିଆ ଭିତ୍‌ରେ ପୁରା କର୍‌ବାର୍ ଲାଗି ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ଅଧିକାରୀମାନ୍‌କୁ କୁହାଯାଇଛେ । ବିଭାଗ୍‌ର ସର୍ବୋଚ୍ଚ ଯନ୍ତ୍ରୀ ପ୍ରକଳ୍ପ ମାନ୍‌କର୍ ସମୀକ୍ଷା କର୍‌ବାର୍ ସମିଆଥି

ଇଟା କହିଛନ୍ । ରାଏଜେ ଚାଲିଥିବା ବଡ଼ ଆଉ ମଧମ୍ ଧରଣ୍‌ର ପ୍ରକଳ୍ପ ଆର୍ ନଦୀଗର୍ଭ ଜଳାଶୟ ପ୍ରକଳ୍ପ ମାନ୍‌କର୍ ଆଏବା ୬ ତାରିଖ୍ ଦିନ ସମୀକ୍ଷା କରାଯାଇକରି ଦର୍‌କାରୀ ପଦକ୍ଷେପ୍ ନିଆଯିବା । ହେନ୍ତା ୯ ତାରିଖ୍ ଦିନ ବଡ଼ ଉଠା ଜଲ୍‌ସେଚନ୍ ପ୍ରକଳ୍ପର୍ ସମୀକ୍ଷା କରାଯାଇକରି ଦର୍‌କାରୀ ପଦକ୍ଷେପ୍ ନିଆଯିବା ବଲି ଜନାପଡ଼ିଛେ । ସେଆଡ଼େ ଫି’ ମାସର୍ ୪ ତାରିଖ୍ ଆର୍ ୨୦ ତାରିଖ୍ ବିଭାଗ୍‌ର ବଜେଟ୍ ଖର୍ଚ୍ଚାର୍ ସମୀକ୍ଷା କରାଯିବା ।

ଓଆର୍‌ଏସ୍ ଅଧିକାରୀ ବଦ୍‌ଲି ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ରାଜସ୍ୱ ସେବା - ଓଆର୍‌ଏସ୍ ଅଧିକାରୀସ୍ତର୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍‌ଫୁ ଅଦଲ୍‌ବଦଲ୍ କରାଯାଇଛେ । ବିଭାଗ୍‌ର ବିଜ୍ଞପ୍ତି ଅନ୍‌ସାରେ ୪୭ ଝନ୍ ସହକାରୀ ଜିଲ୍ଲାପାଲ୍, ଅତିରିକ୍ତ ତହସିଲ୍‌ଦାର୍, ସହକାରୀ ନିର୍ଦ୍ଦେଶକ୍, ନିର୍ବାହୀ ଅଧିକାରୀ ଆର୍ ସବ୍‌ରେଜିଷ୍ଟ୍ରାର୍‌ଙ୍କୁ ବଦ୍‌ଲି କରାଯାଇଥିବାର୍ ଜନାପଡ଼ିଛେ ।

ରାଜସ୍ୱ ମନ୍ତ୍ରୀ-ସମ୍ବଲପୁର ଗସ୍ତ ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍‌ପୁର୍‌ର ଲର୍‌ପଙ୍କ ଠାନେ ଥିବାର୍ ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ୍ କେନ୍ଦ୍ରକେ ଆଦର୍ଶ ତାଲିମ୍ କେନ୍ଦ୍ରଥି ପରିଣତ୍ କର୍‌ବାର୍ ଲାଗି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଜୋର୍ ଦେଇଛନ୍ । ଗଲାକାଏଲ୍ ଇ ପ୍ରଶିକ୍ଷଣ କେନ୍ଦ୍ରକେ ପରିଦର୍ଶନ୍ କରିକରି ପ୍ରଶିକ୍ଷାର୍ଥୀ ଆର୍ ଅଧିକାରୀମାନ୍‌କର୍ ସହେତେ ଆଲୋଚନା କରିଥିଲେ । ଇନ ୨ ଶହ ଝନ୍‌କୁ ତାଲିମ୍ ଦେବାର୍ ଲାଗି ବ୍ୟବସ୍ଥା ବାବ୍‌ଦେ ପ୍ରସ୍ତାବ୍ ଦେବାର୍‌କେ ସେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ ।

ପରିବହନ୍ ବିକାଶ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ପରିବହନ୍ ଭିତିଭୂମିକେ ଆହୁରି ଦୁରୁସ୍ତ କର୍‌ବାର୍ ଲାଗି ନୂଆଁ ପଦକ୍ଷେପ୍ ନିଆଯିବା ବଲି ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ସେ ପରିବହନ୍ ନିଗମ୍‌ର ଅଧକ୍ଷଙ୍କର୍ ସହେତେ ଚେନ୍ନାଇ ମେଟ୍ରୋ ପଲିଟାନ୍ ପରିବହନ୍ ନିଗମ୍ ଆର୍ ରାଜ୍ୟ ଏକ୍ସପ୍ରେସ୍ ପରିବହନ୍ ନିଗମ୍ ପରିଦର୍ଶନ୍ ଉତ୍‌ରୁ ଇଟା କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ଗୁଟେ ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ଜେନା ଭିନ୍ ଭିନ୍ ପରିବହନ୍ ମୋଡ଼େଲ୍, ନୂଆଁ

ପଦକ୍ଷେପ୍, ଅଲ୍‌ଗା ଆହ୍ୱାନ୍ ଆର୍ ଦୁହି ରାଜ୍ୟର୍ ପରିବହନ୍ ବିକାଶ୍‌ର ଭବିଷ୍ୟତ୍ ଯୋଜ୍‌ନା ବାବ୍‌ଦେ ସୂଚନା ଦେଇଥିଲେ ।

ଆଇଆଇଏମ୍ - ସମ୍ବଲପୁର ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଲୟର ଇନୋଭେସନ୍ ସେଲ୍ ଆର୍ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ୍ ତର୍‌ଫୁ ଆଇଆଇଏମ୍ ସମ୍ବଲପୁର୍ ଠାନେ ଅନ୍ୱେଷଣ, ଡିଜାଇନ୍ ଆର୍ ଉଦ୍ୟମିତା ଶିବିର୍ ଅନୁଷ୍ଠିତ୍ ହେଇଯାଇଛେ । ଇଥି ଓଡ଼ିଶା, ପଶ୍ଚିମବଙ୍ଗ୍, ଦିଲ୍ଲୀ, ଜମ୍ମୁ ଆର୍ କାଶ୍ମୀର୍, ଛତିଶ୍‌ଗଡ଼୍ ସହେତେ ଦେଶର୍ ଭିନ୍ ଭିନ୍‌ଜାଗା ନୁ ଶହେ ୬୦ ନୁ ଅଏତ୍‌କା ପ୍ରତିଯୋଗୀ ଭାଗ୍ ନେଇଥିଲେ । ହେନ୍ତା ଇନ ୫୦ ନୁ ଅଏତ୍‌କା ଷ୍ଟାର୍ଟଅପ୍ ସେମାନ୍‌କର୍ ଉତ୍ପାଦିତ ଦରବ୍ ପ୍ରଦର୍ଶନ୍ କରିଥିଲେ । ଆଇଆଇଏମ୍ ସମ୍ବଲପୁର୍‌ର ଆଇ-ହବ୍ ଫାଉଣ୍ଡେସନ୍ ତର୍‌ଫୁ ଶ୍ରେଷ୍ଠ ମୋଡ଼େଲ୍ ମାନ୍‌କୁ ଆର୍ଥିକ୍ ସହାୟତା ଦିଆଯାଇଥିଲା ।

ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ୍ ଦିବସ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ୍ ଦିବସ୍ ପାଲନ୍ କରାଯାଉଛେ । ସ୍ୱେଚ୍ଛାକୃତ ରକ୍ତଦାନ୍‌କେ ତହଁକାବାର୍, ସୁରକ୍ଷିତ ରକ୍ତସଂଚାଲନ୍‌କେ ସୁନିଶ୍ଚିତ୍ କର୍‌ବାର୍ ଆର୍ ଜାତୀୟ ରକ୍ତନୀତିକେ କାର୍ଯ୍ୟକାରୀ କର୍‌ବାର୍ ବାଗିର୍ ଲକ୍ଷ୍ୟ ନେଇକରି ରାଜ୍ୟସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ଇ ଦିବସ୍ ପାଲନ୍ ହେଉଛେ । ଇନ ଜନେଇ ଦିଆଯାଇପାରେ ଯେ, ଥାଲାସିମିଆ, ସିକିଲ୍‌ସେଲ୍ ଆର୍ ହେମୋଫିଲିଆ ରୋଗୀମାନ୍‌କୁ ଡାକ୍ତର୍‌ଖାନାକେ ଯା'ଆସ୍ କର୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ମାସ୍‌କ ୫ ଶହ ଟଙ୍କାର୍ ଆର୍ଥିକ୍ ପ୍ରୋତ୍ସାହନ୍ ଯୁଗେଇ ଦିଆଯାଉଛେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ବରିଷ୍ଠ ନାଗରିକ ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ୍ ପାଲନ୍ ଅବ୍‌ସରେ ଆଏଜ୍ ସ୍କୁଲ୍‌ମାନ୍‌କେ ସମୂହ ଶପଥ୍ ପାଠ୍ କର୍‌ବେ । ପରିବାର୍ ଆଉ ସମାଜ୍ ଲାଗି ସେମାନ୍‌କର୍ ଯୋଗଦାନ୍‌କେ ସମ୍ମାନ୍ କର୍‌ମି ବଲି ଆଏଜ୍ ସ୍କୁଲ୍ ମାନ୍‌କର୍ ପ୍ରାର୍ଥନା ସଭା ସମିଆଥି ଛାତ୍ରଛାତ୍ରୀମାନେ ଶପଥ୍ ନେବେ । ଇଥିର୍‌ଲାଗି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍

ତର୍ଫୁ ରାଜ୍ୟର୍ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଚିଠି ଲେଖାଯାଇଛେ ।

ପାୱାର୍ କଟ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ସହରର୍ ଚେରୁଆପଡ଼ା- ଅଇଁଠାପାଲି ଠାନେ ଥିବା ବିଦ୍ୟୁତ୍ ଫିଡ଼ର୍‌ର ମରାମତି ଲାଗି ଆଏଜ୍ ସଖାଲର୍ ୯ ବଜେନୁ ଉପର୍‌ବେଲା ୩ ବଜେତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା । ଇ ସମିଆଥି ଅଇଁଠାପାଲି, ବୁଢ଼ାରଜା, ଫାଟକ୍, ଝାଡୁଆପଡ଼ା ରୋଡ୍, ଏସ୍‌ଆର୍‌ଆଇଟି କଲୋନୀ, ଜଗନ୍ନାଥମନ୍ଦିର୍ କଲୋନୀ, ପ୍ରଧାନ୍‌ପଡ଼ା, ବଡ଼ବଜାର୍, ଫାର୍ମରୋଡ୍, ରେଲ୍‌ୱେ ଷ୍ଟେସନ ପଡ଼ା ଆର୍ ଚେରୁଆପଡ଼ା ସହେତେ ସହରର୍ ଭିନ୍ ଭିନ୍ ଇଲାକା ନ ବିଜ୍‌ଲି ସରବରାହ ବନ୍ଦ୍ ରହେବା ବଲି ବିଦ୍ୟୁତ୍ ବିତରଣ୍ କମ୍ପାନୀ ତର୍ଫୁ କୁହାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟନୁ ଫିରୁଥିବାର୍ ବେଲେ କେତେଟା ଜାଗା ନ ବର୍ଷା ହେଉଛେ । ଆଏଜ୍ ବର୍‌ଗଡ଼୍,

ବଲାଙ୍ଗିର୍, ନୂଆପଡ଼ା ଆର୍ କଲାହାଣ୍ଡି ସହେତେ ୧୨ ଟା ଜିଲ୍ଲା ନ ବର୍ଷା ହେଇପାରେ । ଇତାକେ ନେଇକରି ଭୁବ୍‌ନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।